# Akashvani, Sambalpur

## SAMBALPURI NEWS MORNING BULLETIN

## 17 February 2026 - 6.47- 6.52 am.

---

ବଜେଟ୍ ଅଧିବେଶନ ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ବିଧାନ୍ସଭାର୍ ୬ ନମ୍ବର୍ ଆଉ ବଜେଟ୍ ଅଧିବେଶନ୍ ଆଏଜ୍ଠାନୁ ମୁଲ୍ ହେଉଛେ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟିଙ୍କର୍ ଅଭିଭାଷଣ୍ନୁ ଅଧିବେଶନ୍ ମୁଲ୍ ହେବା । ଅଭିଭାଷଣ୍ ଉତ୍ରୁ ୧୮ ଆର୍ ୧୯ ତାରିଖ୍ ୨ ଦିନ୍ ଧରିକରି ଧନ୍ୟବାଦ୍ ପ୍ରସ୍ତାବ୍ ଉପ୍ରେ ଆଲୋଚନା ହେବା । ଆଏବା ୨୦ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୨୦୨୬-୨୭ ଆର୍ଥିକ୍ ବଛର୍ ଲାଗି ବଜେଟ୍ ଉପସ୍ଥାପନ୍ କର୍ବେ । ୨୩ ଆଉ ୨୪ ତାରିଖ୍ ଦିନ ବଜେଟ୍ ଉପ୍ରେ ସାଧାରଣ ଆଲୋଚନା କରାଯିବା । ମାର୍ଚ୍ଚ ୩୧ ତାରିଖ୍ ଦିନ ଗୃହ ନ ବ୍ୟୟମଞ୍ଜୁରୀ ବିଲ୍ ଆଗତ୍ ହେବା ।

ଇନ ଜନେଇ ଦିଆଯାଇପାରେ ଯେ, ଇ ବଜେଟ୍ ଅଧିବେଶନ୍ ୨ ଟା ଖେପ୍ରେ ହେବା । ପହେଲା ଖେପ୍ ଆଏବା ୨୪ ତାରିଖ୍ତକ୍

ଚାଲ୍‌ବ। । ୨ ନମ୍ବର୍ ଖେପ୍ ମାର୍ଚ୍ଚ ୯ ନୁ ଏପ୍ରିଲ୍ ୮ ତାରିଖ୍‌ତକ୍ ଚାଲ୍‌ବା । ଅଧିବେଶନ୍‌ଥି ୨୮ ଟା କାର୍ଯ୍ୟଦିବସ୍ ରହିଛେ ।

ବଜେଟ୍ ଅଧିବେଶନ୍‌କେ ନେଇକରି କମିଶନରେଟ୍ ପୁଲିସ୍ ତରଫୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛେ । ବିଧାନ୍‌ସଭା ଚାରହିଆଡ଼େ ୩୫ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ ରହିଛନ୍ ।

ସିବିଏସ୍‌ଇ-୧୦, ୧୨ ପରୀକ୍ଷା	ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ ସିବିଏସ୍‌ଇ ପରିଚାଲିତ୍ ୧୦ ଆଉ ୧୨ ଶ୍ରେଣୀର୍ ବୋର୍ଡ଼ ପରୀକ୍ଷା ଆଏଜ୍‌ଠାନୁ ମୁଲ୍ ହେଉଛେ । ସଖାଲର୍ ସାଢ଼େ ୧୦ ନୁ ଦେଢ଼୍ ବଜେତକ୍ ପରୀକ୍ଷା ହେବା । ଆଏଜ୍ ପହେଲା ଦିନେ ୧୦ ଶ୍ରେଣୀର୍ ଗଣିତ ଆଉ ୧୨ ଶ୍ରେଣୀଥି ବାୟୋ ଟେକ୍ନୋଲୋଜି ଆଉ ଇଂଟରପ୍ରିନର୍‌ସିପ୍ ପରୀକ୍ଷା ହେବା । ପରୀକ୍ଷା ଦେବାର୍‌କେ ଯାଉଥିବା ଛାତ୍ରଛାତ୍ରୀମାନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜନେଇଛନ୍ ।

ଇ ବଛର୍ ଭାରତ୍ ସହେତେ ୨୬ ଟା ଦେଶର୍ ୪୬ ଲାଖ୍‌ନୁ ଅଏତ୍‌କା ଛାତ୍ରଛାତ୍ରୀ ପରୀକ୍ଷା ଦଉଛନ୍ । ସେଆଡ଼େ ସିବିଏସ୍‌ଇ

ତରଫ୍ରୁ ୧୦ ଶ୍ରେଣୀ ନ ୨ ଟା ବୋର୍ଡ୍ ପରୀକ୍ଷାକେ ନେଇକରି ସ୍ୱଷ୍ଟିକରଣ୍ ରଖାଯାଇଛେ । ସିବିଏସ୍‌ଇର ସୂଚନା ଅନ୍‌ସାରେ ୧୦ ଶ୍ରେଣୀ ଲାଗି ପହେଲା ବୋର୍ଡ୍ ପରୀକ୍ଷା ବାଧ୍ୟତାମୂଲକ୍ । ଯଦି କେନ୍‌ସି ପିଲା ଇ ପରୀକ୍ଷା ନାଇଁ ଦିଅନ୍ ତାଙ୍କୁ ୨ ନମ୍ବର୍ ବୋର୍ଡ୍ ପରୀକ୍ଷାଥି ଅନୁମତି ନାଇଁ ମିଲେ ।

ଜେଇଇ ରିଜଲ୍ଟ       ଆର୍‌ଏନ୍‌ୟୁ/ ସମ୍ବଲପୁର

ଯୁଗ୍ମ ପ୍ରବେଶିକା ପରୀକ୍ଷା- ଜେଇଇ ମେନ୍ ସେସନ୍-୧ ର ପେପର୍-୧ ବିଇବିଟେକ୍ ପରୀକ୍ଷାଫଲ୍ ଗଲାକାଏଲ୍ ବାହାରିଛେ । ନେସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି - ଏନ୍‌ଟିଏ ପରିଚାଲିତ୍ ଇ ପରୀକ୍ଷାଥି ୧୨ ଝନ୍ ଛାତ୍ରଛାତ୍ରୀ ଶହେ ପ୍ରତିଶତ୍ ନମ୍ବର ରଖିଛନ୍ । ରାଜସ୍ଥାନ୍ ନ ସବୁନୁ ଜହ ୩ ଝନ୍ ଶହେ ପ୍ରତିଶତ୍ ନମ୍ବର୍ ରଖିଛନ୍ । ସେଥିର୍‌ଭିତ୍‌ରେ ଓଡ଼ିଶାର୍ ଭବେଶ୍ ପାତ୍ର ଶହେ ପ୍ରତିଶତ୍ ନମ୍ବର ସହେତେ ସଫଲ୍ ହେଇକରି ରାଜ୍ୟ ଟପର୍ ହେଇଛନ୍ । ସୂଚ୍‌ନା

ଅନ୍‌ସାରେ ଜାନୁଆରୀ ୨୧ ନୁ ୨୮ ତାରିଖ୍‌ତକ୍ ଜେଇଇ ମେନ୍ ସେସନ୍ -୧ ପରୀକ୍ଷା ହେଇଥିଲା । ଇଥି ୧୩ ଲାଖ୍ ୫୫ ହଜାର୍‌ନୁ ଅଏତ୍‌କା ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଏପ୍ରିଲ୍ ପହେଲା ହପ୍ତାଥି ଜେଇଇ ମେନ୍ ସେସନ୍-୨ ଆଉ ମେ ୧୭ ଥି ଜେଇଇ ଏଡ୍‌ଭାନ୍ସ ପରୀକ୍ଷା ହେବା ।

ଭାରତ୍ ଏଆଇ ଇମ୍ପାକ୍ଟ ସମ୍ମିଳନୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆଦିଲ୍ଲୀ ନ ଗଲାକାଏଲ୍ ମୁଲ୍ ହେଇଥିବା ଭାରତ୍ ଏଆଇ ଇମ୍ପାକ୍ଟ ସମ୍ମିଳନୀ-୨୦୨୬ ଥି ଓଡ଼ିଶା ତାର୍ ଏଆଇ ସମ୍ଭାବନାର୍ ପ୍ରଦର୍ଶନ୍ କରିଛେ । ରାଜ୍ୟ ଇଲେକ୍ଟ୍ରୋନିକ୍ସ ଆଉ ଆଇଟି ବିଭାଗ୍ ତର୍‌ଫୁ ସମ୍ମିଳନୀଥି ଗୁଟେ ଖାସ୍ ପାଭିଲିଅନ୍ ଜରିଏ ରାଜ୍ୟର୍ ଏଆଇ ଭିତିଭୂମି ଆଉ ସମ୍ଭାବନାକେ ନିବେଶକଙ୍କର୍ ସାମ୍ନାରେ ଉପସ୍ଥାପନ୍ କରିଛେ । ଦେଶର୍ ପହେଲା ରାଜ୍ୟ ଭାବେ ଓଡ଼ିଶା ସ୍ୱତନ୍ତ୍ର ଏଆଇ ନୀତି ଆନ୍‌ବାର୍ ସହେତେ ଇ କ୍ଷେତ୍ରର୍ ବିକାଶ୍ ଧାରାକେ ଆହୁରି ତୁର୍‌ତି କର୍‌ବାର୍ ଲାଗି ବହୁତ୍‌ଟେ ପଦକ୍ଷେପ୍ ନେଇଛେ ।

ଇତାର୍‌ବଲେ ଓଡ଼ିଶା ଇହାଦେ ସେମି କଣ୍ଡକ୍ଟର୍ ନିବେଶ୍ କ୍ଷେତ୍ରଥି ଗୁଟେ ମନପସନ୍ଦ୍ ଜାଗା ହେଇପାରିଛେ ।

ଡାକ୍ତର୍ ରାସେଶ୍ୱରୀ ପାଣିଗ୍ରାହୀ ପରଲୋକ/ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଆଘର୍ ବିଧାୟିକା ଆଉ ନାଁକରା ସ୍ତ୍ରୀ ଆଉ ପ୍ରସୂତୀ ରୋଗ ବିଶେଷଜ୍ଞ ଡାକ୍ତର୍ ରାସେଶ୍ୱରୀ ପାଣିଗ୍ରାହୀଙ୍କର୍ ୮୦ ବଛର୍ ବୟେସେ ଗଲାକାଏଲ୍ ପରଲୋକ ହେଇଯାଇଛେ । ବହୁତ୍ ଦିନ୍ ହେଲା ସେ ସ୍ନାୟୁ ଜନିତ ରୋଗଥି ପିଡ଼ିତ ଥିଲେ । ସହରର୍ ରାଜ୍‌ଘାଟ୍ ନ ଆଏଜ୍ ତାଙ୍କର୍ ଅନ୍ତିମ୍ ସହାର୍ କରାଯିବା ବଲି ପରିବାର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଡାକ୍ତର୍ ରାସେଶ୍ୱରୀ ପାଣିଗ୍ରାହୀଙ୍କର୍ ପରଲୋକ୍ ଖବର୍ ପ୍ରଚାର୍ ହେବାର୍ ଉତ୍‌ରୁ ସାରା ରାଏଜେ ଶୋକ ପ୍ରକାଶ ପାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ୍ କରିଛନ୍ ।

ଉର୍ଦ୍ଦୁ କବି ସମ୍ମିଳନୀ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ତର୍‌ଫୁ ଭଦ୍ରକ୍ ଶହୀଦ୍ ସ୍ମୃତି ଭବନ୍ ନ ସର୍ବଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ ହେଇଯାଇଛେ । ସମ୍ମିଳନୀଥି ଓଡ଼ିଶା ସହେତେ ଭିନ୍ ଭିନ୍ ରାଜ୍ୟର୍ ବିଶିଷ୍ଟ ଉର୍ଦ୍ଦୁ କବି ମାନେ ଯୋଗ୍‌ଦେଇକରି କବିତା ପାଠ କରିଥିଲେ । ଏକାଡେମୀର୍ ଉପସଭାପତି ଜନାବ୍ ନସୀବ୍ ମଞ୍ଜର୍ ହସନ୍ ଉର୍ଦ୍ଦୁ ସାହିତ୍ୟର୍ ପ୍ରଚାର୍ ପ୍ରସାର୍ ଲାଗି ଏକାଡେମୀ ତର୍‌ଫୁ ନିଆଯାଉଥିବା ପଦକ୍ଷେପ୍ ବାବ୍‌ଦେ ବୁଝେଇଥିଲେ ।

ଭୀମଭୋଇ- ଶ୍ରାଦ୍ଧଦିବସ୍       ସୁବର୍ଣ୍ଣପୁର୍ ସମ୍ବାଦଦାତା

ମହିମାଧର୍ମର୍ ପ୍ରବର୍ତକ ସନ୍ଥକବି ଭୀମଭୋଇଙ୍କର୍ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ୍ ସୁବର୍ଣ୍ଣପୁର୍ ନ ପାଲିତ୍ ହେଇଯାଇଛେ । ଜିଲ୍ଲାସ୍ତରୀୟ ପୁସ୍ତକମେଳା - ଇଙ୍କ୍‌ଫେଷ୍ଟ ଅବ୍‌ସରେ ଇତାର୍ ଆୟୋଜନ୍ କରାଯାଇଥିଲା । ଇ ଅବ୍‌ସରେ ବିଶିଷ୍ଟ ଗବେଷକ ଡକ୍ଟର୍ ଗୌରାଙ୍ଗ ଚରଣ୍ ଦାସ ଆଉ ଡକ୍ଟର୍ ଫଣିନ୍ଦମ୍ ଦେଓ ଭୀମଭୋଇଙ୍କର୍ ସାହିତ୍ୟ

ସାଧନା ଆଉ ମାନବୀୟ ଦର୍ଶନ୍ ବାବ୍‌ଦେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ, ଡକ୍ଟର୍ ଦେବାଶିଷ୍ ପାଣ୍ଡିଆ ପ୍ରମୁଖ ଉପସ୍ଥିତ୍ ଥିଲେ ।

ଆଲୋଚନାଚକ୍ର           ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ପଂଚାୟତ୍ ମହାବିଦ୍ୟାଳୟ ନ ବିଜ୍ଞାନ୍ ଆଉ ଆଧ୍ୟାତ୍ମିକତା ଶୀର୍ଷକ୍ ଜାତୀୟ ଆଲୋଚନାଚକ୍ର ହେଇଯାଇଛେ । ଆଲୋଚନାଚକ୍ରଥି ତ୍ରିପୁରା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର୍ ଦର୍ଶନ୍ ବିଭାଗ୍ ପ୍ରଫେସର୍ ଡକ୍ଟର୍ ଆଦିତ୍ୟ କୁମାର୍ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ୍ ଦେଇକରି ବିଜ୍ଞାନ୍ ଆଉ ଆଧ୍ୟାତ୍ମିକତା ବାବ୍‌ଦେ ବୁଝେଇଥିଲେ । କାର୍ଯ୍ୟକ୍ରମ୍‌ଥି ଛାତ୍ରଛାତ୍ରୀ, ଅଧ୍ୟାପକ ଆଉ କର୍ମଚାରୀମାନେ ଉପସ୍ଥିତ୍ ଥିଲେ ।

ପାଣିପାଗ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ କମିଛେ । ଆଏବା ୨ ଦିନ୍ ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍‌ରୁ ତାପମାତ୍ରା ୨ ନୁ ୩

ଡିଗ୍ରୀତକ୍ ବଢ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ସେଆଡ଼େ ଭାରତ୍ ମହାସାଗର୍ ଆଉ ତାର୍ ପାଖର୍ ଦକ୍ଷିଣ ବଙ୍ଗୋପ୍‌ସାଗର୍‌ର ମଝି ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଛେ । ଲଘୁଚାପ୍ କ୍ଷେତ୍ର ପଶ୍ଚିମ- ଉତର୍ ପଶ୍ଚିମ ଦିଗ୍‌କେ ବଢ଼ିକରି ଦକ୍ଷିଣ ବଙ୍ଗୋପ୍‌ସାଗର୍ ନ ଆଏବାକାଏଲ୍‌ତକ୍ ଆହୁରି ବର୍‌କସ୍ ହେବା ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।